କରାଇଥିବା ଜଣାଯାଉଛି ।

## ହୀରାକୁଦରୁ ୧୩ ଶିଳ୍ପକୁ ପାଣି

# ଦିନକୁ ୧୦୦ କୋଟି ଲିଟର !



ସମ୍ବଲପୁର,୭।୬(ବ୍ୟୁରୋ)- ରାଜ୍ୟ ସରକାର କ୍ଷେତକୁ ପାଣି ଯୋଗାଇ ଦେବାକୁ ଯୋଜନା ପରେ ଯୋଜନା କରୁଛନ୍ତି; କିନ୍ତୁ କ୍ଷେତକୁ ପାଣି ମାଡୁ କି ନମାଡୁ ଶିଳ୍ପ ସଂସ୍ଥାଗୁଡ଼ିକୁ ପର୍ଯ୍ୟାପ୍ତ ପାଣି ଯୋଗାଇ ଦିଆଯାଉଛି । କେବଳ ସେତିକି ନୁହେଁ, ଯେତିକି ପାଣି ଶିଳ୍ପ ସଂସ୍ଥାକୁ ଯୋଗାଇ ଦିଆଯାଉଛି ତା ବିନିମୟରେ ସରକାର ଧାର୍ଯ୍ୟ କରିଥିବା ନାମମାତ୍ର ପାଉଣା ଆଦାୟ କରିବାରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀମାନେ ଅସମର୍ଥ ହେଉଛନ୍ତି। ଏପରିକି ଅନେକ ସ୍ଥାନରେ ଶିଳ୍ପ ସଂସ୍ଥାକୁ ସେମାନଙ୍କର ଜଳକର ଛାଡ଼ କରାଯାଇଥିବା ଅଭିଯୋଗ ହୋଇଛି । ଏହି ଆପତ୍ତି ଉଠାଇଛନ୍ତି ସିଏଜି । ପୁନଶ୍ଚ, ଶିଳ୍ପ ସଂସ୍ଥାଗୁଡ଼ିକୁ ଜଳକର ଛାଡ଼ କରାଯିବା ଯୋଗୁଁ ସରକାର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି ବୋଲି ରିପୋର୍ଟ ଦେଇଛନ୍ତି ।

ହୀରାକୁଦ ଜଳଭଣ୍ଡାର ପ୍ରତିଷ୍ଠା ହୋଇଥିଲା ବନ୍ୟା ନିୟନ୍ତ୍ରଣ ସହ ଚାଷ ଜମିକୁ ପାଣି ଯୋଗାଣ ଉଦ୍ଦେଶ୍ୟରେ। କିନ୍ତୁ ଏହାର ବିପରୀତ ଦିଗରେ କାମ ଚାଲିଛି। ଏହି ଜଳ ଭଣ୍ଡାରରୁ ଜଳ ଆହରଣ କରିବା ପାଇଁ ସରକାର ସଂଖ୍ୟାଧିକ ଶିଳ୍ପ ସଂସ୍ଥାକୁ ଅନୁମତି ଦେଇଛନ୍ତି ଓ ଏଥିମଧ୍ୟରୁ ୧୩ଟି ଶିଳ୍ପ ଦିନକୁ ୧୦୦ କୋଟି ଲିଟର ଜଳ ଆହରଣ କରିବେ । ଲପଙ୍ଗାର ହିଣ୍ଡାଲ୍‌କୋ ଦିନକୁ ୧୩୦୦ ଲକ୍ଷ ଲିଟର, ହିର୍‌ମାର ଏସ୍‌ଏମ୍‌ସି ପାୱାର ଜେନେରେସନ ଦିନକୁ ୬୦ ଲକ୍ଷ ଲିଟର, ରେଙ୍ଗାଲିର ଶ୍ୟାମ ଡ଼ିଆରାଇ ପାୱାର ଦିନକୁ ୨୭୦ ଲକ୍ଷ ଲିଟର, ପୋତାପାଲିର ରାଠୀ ଷ୍ଟିଲ ଏଣ୍ଡ ପାୱାର ଓ ବୋମଲୋଇର ଏସ୍‌ପିସି ସ୍ପଞ୍ଜ ଆଇରନ୍ ଲିଃ ପ୍ରତ୍ୟେକ ଦିନକୁ ୨୪୦ ଲକ୍ଷ ଲିଟର, ଲପଙ୍ଗାର ଭୂଷଣ ପାୱାର ଏଣ୍ଡ ଷ୍ଟିଲ ୨୪୭୦ ଲକ୍ଷ ଲିଟର, ହୀରାକୁଦର ଇଣ୍ଡାଲ ୪୯୦ ଲକ୍ଷ ଲିଟର, ମାରକୁଟାର ଆକ୍‌ସନ ଇସ୍ପାତ ଏଣ୍ଡ ପାୱାର ୩୦ ଲକ୍ଷ ଲିଟର, ରେଙ୍ଗାଲିର ଭିରାଜ ଷ୍ଟିଲ ଏଣ୍ଡ ଏନର୍ଜି ଦିନକୁ ୯୦ ଲକ୍ଷ ଲିଟର, ବୋଲଲେଇର ଆର୍ଯ୍ୟନ୍ ଇସ୍ପାତ ଦିନକୁ ୧୦ ଲକ୍ଷ ଲିଟର, ଭୁର୍ଖାମୁଣ୍ଡାର ବେଦାନ୍ତ ଆଲୁମିନାକୁ ଦିନକୁ ୧୩୬୦ ଲକ୍ଷ ଲିଟର ଓ ସୁନ୍ଦରଗଡ଼ରେ ପ୍ରସ୍ତାବିତ ଦର୍ଲିପାଲି ଏନ୍‌ଟିପିସି ତାପଜ ବିଦ୍ୟୁତ୍ କେନ୍ଦ୍ରକୁ ଦିନକୁ ୪୦୦୦ ଲକ୍ଷ ଲିଟର ପାଣି ହୀରାକୁଦରୁ ଯୋଗାଇ ଦିଆଯିବ । ହୀରାକୁଦର ଜଳଧାରଣ ସାମର୍ଥ୍ୟ ତୁଳନାରେ ଦୈନିକ ୧୦୦ କୋଟି ଲିଟର ପାଣି ଯୋଗାଇ ଦେବା କିଛି ବଡ଼ କଥା ନୁହେଁ । କିନ୍ତୁ ଯେଉଁ ଶିଳ୍ପ ସଂସ୍ଥାଗୁଡ଼ିକ ହୀରାକୁଦରୁ ପାଣି ନେବେ ସେମାନେ ଏ ବାବଦ ସେସ୍ ନିୟମିତ ପଇଠ କରିବାର ଗ୍ୟାରେଣ୍ଟି କିଏ ଦେବ ? ସାଧାରଣ ଚାଷୀଟିଏ ଜଳକର ନ ଦେଲେ ବିଭାଗ ପକ୍ଷରୁ ତା ଜମିକୁ ଜଳ ଯୋଗାଣ ବନ୍ଦ କରି ଦିଆଯାଉଛି । କିନ୍ତୁ ଯେଉଁ ସଂସ୍ଥାଗୁଡ଼ିକ ହୀରାକୁଦ ସମେତ ବିଭିନ୍ନ ଜଳଭଣ୍ଡାରୁ ଜଳ ନେଇଛନ୍ତି ସେମାନେ ନିୟମିତ ଅର୍ଥ ପଇଠ କରୁନାହାନ୍ତି । କିଛିବର୍ଷ ବକେୟା ରହିବା ପରେ ଏହି ଅର୍ଥ କାହିଁକି ମାଫ୍ କରି ଦିଆଯାଉଛି ତାହା ଅୟୁତ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୋଟିଏ ଧରଣର ଅପରାଧ ପାଇଁ ସାଧାରଣ ଗରିବ ଖଟିଖିଆ ଚାଷୀପାଇଁ ଗୋଟିଏ ପ୍ରକାର ନିୟମ ଚାଲିଥିବା ବେଳେ ଶିଳ୍ପପତିମାନଙ୍କ ପାଇଁ ରାଜ୍ୟରେ କାହିଁକି ଭିନ୍ନ ନିୟମ କରାଯାଉଛି ତାହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି । ପୁଣି ଯେଉଁ ଶିଳ୍ପ ସଂସ୍ଥାକୁ ଏବେ ହୀରାକୁଦରୁ ପାଣି ଯୋଗାଇ ଦିଆଯାଉଛି, ସେହି ଶିଳ୍ପ ସଂସ୍ଥାଗୁଡ଼ିକ ନିୟମିତ ଜଳକର ପଇଠ କରୁଛନ୍ତି କି ନାହିଁ ସେ ସମ୍ପର୍କରେ ତର୍ଜମା କରାଯାଉ ନାହିଁ । ଓଲଟି କିଛି ପଦସ୍ଥ ଅଧିକାରୀ ଶିଳ୍ପ ସଂସ୍ଥାଗୁଡ଼ିକରେ ନିଜର ପରିଚିତ ଓ ସମ୍ପର୍କୀୟଙ୍କୁ ନିଯୁକ୍ତି ଦେଇ ବା ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଟିକସ ଆଦାୟ କଥାକୁ ଭୂଲି ଯାଇଥିବା ଚର୍ଚ୍ଚା ହେଉଛି ।

ଶିଳ୍ପ ସଂସ୍ଥାଗୁଡ଼ିକ ଯେତିକି ଜଳ ବ୍ୟବହାର କରିବେ ସେଥିପାଇଁ ସରକାରଙ୍କୁ ଟିକସ ଦେବାର ବ୍ୟବସ୍ଥା ରହିଛି । ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଏ ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ନେବେ ଓ ଟିକସ ଆଦାୟ କରିବା ସଂକ୍ରାନ୍ତ ନିୟମ ରହିଛି । କିନ୍ତୁ ୨୦୦୩ ମସିହାରୁ ୨୦୦୮ ମସିହାରେ ନିର୍ଦ୍ଦିଷ୍ଟ କେତେକ ଶିଳ୍ପ ସଂସ୍ଥାକୁ ଅନୁଗୃହୀତ କରାଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି । ଗତ ୨୦୦୯ ମସିହାରୁ ଏ ସମ୍ପର୍କରେ ସିଏଜି ଆପତ୍ତି ଉଠାଇଥିଲେ ସୁଦ୍ଧା ସରକାର ଶିଳ୍ପ ସଂସ୍ଥାଗୁଡ଼ିକଠାରୁ ବକେୟା ଅର୍ଥ ଆଦାୟ କରିବାରେ ସମର୍ଥ ହୋଇ ନାହାନ୍ତି। ମହାନଦୀ ଦକ୍ଷିଣ, ମହାନଦୀ ଉତ୍ତର, ବୁର୍ଲା ମେନ୍ ଡ଼୍ୟାମ୍, ପ୍ରାଚୀ, ଅନୁଗୁଳ, ବ୍ରହ୍ମପୁର, କୋଲାବନଗର, ଜାରକା, ଖୋର୍ଦ୍ଧା ଓ ସମ୍ବଲପୁର ଡ଼ିଭିଜନରେ ମଧ୍ୟ ଅନୁରୂପ ଅନିୟମିତତା ହୋଇଛି । ଏହି ୧୧ଟି ଜଳସେଚନ ଡ଼ିଭିଜନର ନିର୍ବାହୀ ଯନ୍ତ୍ରୀମାନେ ୪୧ଟି ଶିଳ୍ପ ସଂସ୍ଥା ଓ ବାଣିଜ୍ୟିକ ସଂସ୍ଥାକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବା ଯୋଗୁଁ ରାଜ୍ୟ ସରକାର ୭.୦୯ କୋଟି ଟଙ୍କା କ୍ଷତି ସହିଛନ୍ତି ।

ନିର୍ବାହୀ ଯନ୍ତ୍ରୀମାନେ କାରଖାନା ବ୍ୟବହାର କରୁଥିବା ଜଳ ପାଇଁ କୌଣସି ଡ଼ିମାଣ୍ଡ ଲେଟର ଦେଇ ନାହାନ୍ତି କିମ୍ବା କାରଖାନାରେ କେତେ ଜଳ ବ୍ୟବହାର ହେଉଛି ତାହା ମାପିବା ପାଇଁ ଫ୍ଲୋ-ମିଟର ବସାଇବା ଦିଗରେ ପଦକ୍ଷେପ ମଧ୍ୟ ଗ୍ରହଣ କରି ନାହାନ୍ତି । କେବଳ ସେତିକି ନୁହେଁ, ବୁର୍ଲା ମେନ୍ ଡ଼୍ୟାମ ଓ ଅନୁଗୁଳ ଜଳସେଚନ ଡ଼ିଭିଜନର ତତ୍‌କାଳୀନ ନିର୍ବାହୀ ଯନ୍ତ୍ରୀଙ୍କ ଅବହେଳା ଯୋଗୁଁ ୨୦୦୩-୨୦୦୮ ମଧ୍ୟରେ କେତେକ ଶିଳ୍ପ ସଂସ୍ଥା ୫ ବର୍ଷ ବିଳମ୍ବରେ ୪.୩୫ କୋଟି ଟଙ୍କା ଜଳ କର ଜମା କରିଛନ୍ତି । କିନ୍ତୁ ଏ ବାବଦରେ ସମ୍ପୃକ୍ତ ଶିଳ୍ପ ସଂସ୍ଥାଗୁଡ଼ିକଠାରୁ ୮୬.୭୧ କୋଟି ଟଙ୍କା ସୁଧ ଓ ଜୋରିମାନାକୁ କୁ ନିର୍ବାହୀ ଯନ୍ତ୍ରୀମାନେ ମାଫ୍ କରିବା ପଛରେ କି ରହସ୍ୟ ରହିଛି ସେ ସସମ୍ପର୍କରେ ଅନୁସନ୍ଧାନ କରାଯିବା ଆବଶ୍ୟକ ବୋଲି ତଥ୍ୟାଭିଜ୍ଞ ମହଲରେ ମତ ପ୍ରକାଶ ପାଇଛି ।